**ଜୟଗୁରୁ**
**ନୀଳାଚଳ ସାରସ୍ୱତ ସଂଘ, ପୁରୀ**
**ଶାଖା- ଆମେରିକା ସାରସ୍ୱତ ସଂଘ**
851 **ତମ ସଂଘ ପୂଜା ବିବରଣୀ**
**ତାରିଖ – 19 -02 -2023**
**ପାଳିଆ –** ପ୍ରତ୍ୟୁଷା **,** ଅମିତାଭ ଭାଇ

ଜୟଗୁରୁ

ତା18 -02 -2023 ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା । ସ୍ତୋତ୍ର ବନ୍ଦନା, ପୁସ୍ତକ ପଠନ ପରେ ଆସନ୍ତା କାଲି ର ନିତ୍ୟ ପୂଜା ଓ ସଂଘ ପୂଜା ପାଇଁ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ଶ୍ରୀ ପାଦ ପଦ୍ମରେ ପ୍ରାର୍ଥନା କରାଯାଇଥିଲା | ତ୍ରୁଟି ବିଚ୍ୟୁତି, ବିଦାୟ ପ୍ରାର୍ଥନା ଓ ଜୟଗୁରୁ ମହାନାମ କୀର୍ତ୍ତନ ପରେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କୁ ରାତ୍ର ଭୋଗ ନିବେଦନ କରାଯାଇଥିଲା

19 -02 -2023: ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ନିତ୍ୟ ସେବା 6 ଘଟିକା 30 ମିନଟ ସମୟ ରେ ଆରମ୍ଭ ହୋଇଥିଲା |

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁସାରେ ଭକ୍ତ ମା ଓ ଭାଇମାନେ ନିଗମ ସ୍ମୃତି ମନ୍ଦିର ଅବା ଗୃହାସନରୁ ଫୋନ ମାଧ୍ୟମରେ ଯୋଗ ଦେଇଥିଲେ | 7 ଘଟିକା 15 ମିନଟ ସମୟରେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ପ୍ରତୀକ୍ଷ୍ୟା ଗାନ କରାଯାଇଥିଲା ! ଅଞ୍ଜଳୀ ମା 'ଦେହ ଦେଉଳର ଗମ୍ଭୀରା ଭିତରେ' ଓ ରଶ୍ମୀ ମା 'ଦେବ, ଦେଇଯାଅ ଆଶା ମନେ ଯେ' ପ୍ରତୀକ୍ଷ୍ୟା ସଙ୍ଗୀତ ଗାନ କରିଥିଲେ | ନିତ୍ୟ ନୀତିକାନ୍ତି ସମାପନାନ୍ତେ ଶ୍ରୀ ଶ୍ରୀ ଠାକୁର ମହାରାଜ ସଙ୍ଘପୁଜା ମଣ୍ଡପ କୁ ବିଜେ କରିଥିଲେ | ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କୁ ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ନିବେଦନ କରି ପଞ୍ଚ ଉପଚାର ପୂଜା ସମ୍ପାଦାନ କରିଥିଲେ ସାନୁଜିତ ଭାଇ | ପରଦା ଉନ୍ମୋଚନ ପରେ ଭକ୍ତଗଣ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଦର୍ଶନ ଲାଭ କରି ଶ୍ରୀଚରଣରେ ପ୍ରଣତି ଜଣାଇଥିଲେ | ତତ୍ ପରେ 'ଜୟ ଜୟ ଗୁରୁଦେବ ମଙ୍ଗଳ ଆରତୀ' ସଙ୍ଗୀତ ର ତାଳେ ତାଳେ ଘଣ୍ଟା, ଗିନି, ଖୋଳ, କରତାଳ ର ମଧୁର ଧ୍ୱନି ମଧରେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଆରତୀ ସମ୍ପାଦିତ ହୋଇଥିଲା |

ବନ୍ଦନା ଓ ସ୍ତୋତ୍ର ବନ୍ଦନା, ସୁପ୍ରୀତ ଭାଇଙ୍କ ସହିତ ସମବେତ କଣ୍ଠରେ ଗାନ କରିଥିଲେ ଭକ୍ତ ବୃନ୍ଦ | ତତପରେ ବ୍ରଜ ଭାଇଙ୍କ ନେତୃତ୍ୱରେ ପରିଚୟ ପତ୍ର ପାଠ କରାଯାଇଥିଲା, ତଥା ଆସନ୍ତା ସମ୍ମିଳନୀ ପାଇଁ ଓ ଆସନ ମନ୍ଦିରରେ ଶ୍ରୀ ଶ୍ରୀ ଠାକୁରଙ୍କ ମନୋମତ ନିତ୍ୟ ସେବା ପୂଜା ପାଇଁ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଶ୍ରୀ ଚରଣରେ ପ୍ରାର୍ଥନା କରାଯାଇଥିଲା |

ସଂଘ ସେବକ ୫୮ ଭାଗ, ଦ୍ୱିତୀୟ ସଂଖ୍ୟା 'ପ୍ରାର୍ଥନାକାରୀଙ୍କ ପ୍ରତି' ଅନୁଛେଦରୁ 'ଦଶ ବିଧ ନିୟମ' ବିଷୟରେ ପାଠ କରିଥିଲେ ସାନୁଜିତ ଭାଇ, ଜ୍ଞାନ ଭାଇ 'ଅମଳ ତବ କମଳ ପଦେ' ପ୍ରାଥନା ସଂଗୀତଟି ଗାନ କଲେ | ଶ୍ରୀ ଶ୍ରୀ ଗୁରୁ ଗୀତା ଅଷ୍ଟାଦଶ ଶ୍ଳୋକ ପାଠ କରିଥିଲେ ଅଞ୍ଜନା ମା | ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କୁ ବାଲ୍ୟ ଭୋଗ ପାଇଁ ଓ ଦିବା ୧୦ ଘଟିକା ସମୟକୁ ଦ୍ୱିତୀୟ ଅଧିବେଶନ ସଙ୍ଘ ପୂଜା ପାଇଁ ପ୍ରାର୍ଥନା ଜଣାଇଥିଲେ ପାଳିଆ ଭାଇ | ଭକ୍ତ ମା,ଭାଇ ଓ ପିଲା ମାନଙ୍କୁ ବାଲ୍ୟ ପ୍ରସାଦ ଓ ୯:୪୫ ସମୟରେ ଦ୍ୱିତୀୟ ଅଧିବେଶନରେ

ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ | ଜୟଗୁରୁ ନାମ କୀର୍ତ୍ତନ ପରେ ପ୍ରଥମ ଅଧିବେଶନ ଶେଷ ହୋଇଥିଲା  | ଶ୍ରୀ ଶ୍ରୀ ଠାକୁରଙ୍କୁ ବାଲ୍ୟ ଭୋଗ ନିବେଦନ କରାଯାଇଥିଲା ଓ ସମସ୍ତ ଭକ୍ତବୃନ୍ଦ ଶ୍ରୀ ମହାପ୍ରସାଦ ସେବନ କରିଥିଲେ |

୨ ଘଟିକା 45 ମିନଟ ରେ ଶୁଭେନ୍ଦୁ ଭାଇ ଗାନ କରିଥିଲେ ଆବାହନ ଗୀତିକା  'ଦରଶନ ଦିଅ ପ୍ରଭୁ' ଓ ମିଲୁ ମା ଗାନ କରିଥିଲେ '**** ଫୁଲ ସଜାଇ ରଖିଛି' | ଦିବା ୧୦ ଘଟିକା ସମୟ ରେ ଶ୍ରୀ ଶ୍ରୀ ଠାକୁର ମହାରାଜ ସଂଘ ପୂଜା ଆସନ ମଣ୍ଡପ ରେ ବିଜେ କରିଥିଲେ ଓ 'ଭବ ବନ୍ଧନ ମୋଚନ' ପ୍ରଣାମ ଗାନ ସହିତ ପରଦା ଉନ୍ମୋଚନ କରାଯାଇଥିଲା | ସୁକନ୍ୟା ମା ଗାନ କଲେ ବନ୍ଦନା 'ମୋ ପ୍ରଭୁ ଆଶିଷମାୟ' | ନିଗମ ଉପଦେଶ ପୁସ୍ତକ ରୁ ଶ୍ରୀ ଶ୍ରୀ ଠାକୁରଙ୍କ 'companions of the devine play' ସମ୍ବନ୍ଧୀୟ ଉପଦେଶ ସମୂହ ପାଠ କରିଥିଲେ ବରଦା ଭାଇ | ପୂର୍ବ ସଂଘ ବିବରଣୀ ପାଠ କରିଥିଲେ ପଲ୍ଲବୀ ମା |  ସୁବ୍ରତ ଭାଇ ଶ୍ରୀ ଶ୍ରୀ ଠାକୁର ମାହାତ୍ମ୍ୟ ପୁସ୍ତକରୁ 'ଲଳିତା ସଖୀ, ବିଦ୍ୟା ନଗର ଭ୍ରମଣ ଆଦି ବିଷୟରେ ପାଠ କଲେ ଓ ଇଂରାଜୀ ସାରାଂଶ ପ୍ରଦାନ କଲେ ଶୁଭାଶିଷ  ଭାଇ | ଶିବାନୀ ମା ଗାନ କଲେ ପ୍ରାର୍ଥନା ସଙ୍ଗୀତ 'ତୁମେ ମୋ ଭଙ୍ଗା ବୀଣା ର ସ୍ୱର ମୂର୍ଚ୍ଛନା' | ସଂସାର ପଥେ part 1 ରୁ 'family problem for the house holders'  ବିଷୟ ରେ ପାଠ କଲେ ଇପ୍ସିତା ମା | ଜ୍ଞାନ ଭାଇ ପ୍ରଶ୍ନ-ଉତ୍ତର କାର୍ଯ୍ୟକ୍ରମରେ ଦଶ ବିଧ ନିୟମ ବିଷୟରେ ଆଲୋଚନା କରିଥିଲେ ଏବଂ ଗୃହାସନ ରେ ପ୍ରାର୍ଥନା ଜଣେଇବାର ଆବଶ୍ୟକତା ପ୍ରଶ୍ନର ସମାଧାନ କରିଥିଲେ |

YA Session ରେ ଅଦିତି ଗାନ କରିଥିଲେ ପ୍ରାର୍ଥନା ସଙ୍ଗୀତ 'ହସରେ ହସରେ ମୁକୁତା ଝରେ ଯା ରଙ୍ଗ ଅଧରେ' |  ଭକ୍ତି ମା ଅଧକ୍ଷ୍ୟତା କରି YA  ଉପସ୍ଥାନ ନେଇଥିଲେ | ଅଦିତି ଗାଇଥିବା ପ୍ରାର୍ଥନା ସଙ୍ଗୀତର ଭାବାର୍ଥ କରିଥିଲେ | ତତ୍ପରେ ଭକ୍ତି ମା ଶିବ ରାତ୍ରୀ ପର୍ବ ପାଳନ ର ବିଶେଷତ୍ୱ ଆଲୋଚନା କରିଥିଲେ | ପ୍ରତ୍ୟୁଷା ଓ ଅମିତାଭ ଭାଇ ଭାବ ବିନିମୟ ସେବା ସମ୍ପାଦନ କରିଥିଲେ |

ମାଧାନ ଭୋଗ ଓ ସନ୍ଧ୍ୟା ପୂଜା ଗ୍ରହଣ କରିବା ପାଇଁ ଅମିତାଭ ଭାଇ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀ ପାଦ ପଦ୍ମରେ ପ୍ରାର୍ଥନା ଜଣାଇଥିଲେ | ପ୍ରସାଦ ପାଇବା ପାଇଁ ସମସ୍ତ ଭକ୍ତ ବୃନ୍ଦଙ୍କୁ ସାଦରେ ନିମନ୍ତ୍ରଣ ଜଣାଇଥିଲେ | ପର ପୂଜା ପାଇଁ ନିମନ୍ତ୍ରଣ କରିଥିଲେ **Divyam** ଓ କିଶୋର ଭାଇ |   ସମସ୍ତ ସଂଘ ସେବି ଙ୍କ ତରଫରୁ ପାଳିଆ ଅମିତାଭ ଭାଇ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ତ୍ରୁଟି ମାର୍ଜନା ନିମନ୍ତେ କ୍ଷମା ଭିକ୍ଷା କରିଥିଲେ | ଉଦିତା ମା ଙ୍କ ନେତୃତ୍ୱ ରେ ଗାନ କରାଯାଇଥିଲା ବିଦାୟ ପ୍ରାର୍ଥନା 'ଦେବେ ର ଦୁର୍ଲଭ ତବ ଚରଣ ଯୁଗଳ' | ଜୟଗୁରୁ ମହାନାମ କୀର୍ତ୍ତନ ଓ ଜୟ ଧ୍ୱନି ଅନ୍ତେ ସଂଘ ସାଙ୍ଗ ହୋଇଥିଲା | ବିଶ୍ୱଜିତ ଭାଇ ଉପସ୍ଥାନ ନେଇଥିଲେ |  ଶ୍ରୀ ଶ୍ରୀ ଠାକୁରଙ୍କୁ ମାଧାନ ଭୋଗ ନିବେଦନ କରାଯାଇଥିଲା ଓ ସମସ୍ତ ଭକ୍ତବୃନ୍ଦ ଶ୍ରୀ ମହାପ୍ରସାଦ ସେବନ କରିଥିଲେ |

ଜୟଗୁରୁ